


ଅମୃତ ଦୁନିଆ

୧୪ ଜୁନ୍ ୨୦୨୬

ଏକାମ୍ର

### କ୍ୟାବିନେଟ୍‌ରେ ୮ଟି ପ୍ରସ୍ତାବରେ ମୋହର

# ପ୍ରସ୍ତୁତ ହେବ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା

## ଗ୍ରାମୀଣ ପରିବାରକୁ ୧୨୫ ଦିନର କାମ ଗ୍ୟାରେଣ୍ଟି
## ଆସିବ ଓଡ଼ିଶା ହସ୍ତଶିଳ୍ପ ଅମଲା ସେବା ନିୟମାବଳୀ

**ଭୁବନେଶ୍ୱର(ବ୍ୟୁରୋ):** ଏବେ ରାଜ୍ୟରେ ଅନେକ ସ୍ଥାନର ସରକାରୀ ରେକର୍ଡରେ ବିକୃତ ବନାନ ବ୍ୟବହାର ହେଉଥିବା ବେଳେ ତାହାକୁ ସଂଶୋଧନ କରାଯିବ । ୨୬ଟି ଜିଲ୍ଲାର ୬୪ଟି ସ୍ଥାନର ସଂଶୋଧିତ ଇଂରାଜୀ ବନାନକୁ ଚୂଡ଼ାନ୍ତ କରି ପ୍ରକୃତ ଓଡ଼ିଆ ନାମର ପୁନରୁଦ୍ଧାର କରାଯିବ । କ୍ୟାବିନେଟର ଅନୁମୋଦନ ପରେ ରାଜ୍ୟ ସରକାର ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟକୁ ଅବଗତ କରାଯିବ । ଏହାସହ ସର୍ଭେ ଅଫ୍ ଇଣ୍ଡିଆ, ଭାରତୀୟ ରେଳବାଇ, ଡାକ ବିଭାଗ, ରେଜିଷ୍ଟ୍ରାର ଜେନେରାଲ, ଜନଗଣନା କମିଶନରଙ୍କ ସମେତ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ନିଜର ସରକାରୀ ରେକର୍ଡରେ ଆବଶ୍ୟକୀୟ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରାଯିବ । କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ସୂଚନା ଦେଇଛନ୍ତି । ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଦିନସାରା ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାତି ୯ଟାରେ ୪୨ତମ କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କରିଥିଲେ । ରାତି ସାଢ଼େ ୧୧ଟାରେ ବୈଠକ ସରିବା ପରେ ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ ଯେ ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ୍ (ଗ୍ରାମୀଣ) ଅଧିନିୟମ (ବିଭିଜୀ-ରାମଜୀ) ଭଳି ରାଜ୍ୟରେ ବିଭିଜୀ-ରାମଜୀ-ଓଡ଼ିଶାକୁ ଅନୁମୋଦନ କରିଛି ରାଜ୍ୟ କ୍ୟାବିନେଟ୍ । ଏହି ଯୋଜନାରେ ରାଜ୍ୟରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରାଯିବ । ପ୍ରତି ଯୋଗ୍ୟ ଗ୍ରାମୀଣ ପରିବାରକୁ ବର୍ଷରେ ୧୨୫ ଦିନର କର୍ମନିଯୁକ୍ତି ଗ୍ୟାରେଣ୍ଟି ଦିଆଯିବ । ଗ୍ରାମାଞ୍ଚଳରେ ବିଶେଷ କରି ଜଳସୁରକ୍ଷା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସମ୍ବନ୍ଧୀୟ ଭିତ୍ତିଭୂମି ଓ ଚରମ ପାଣିପାଗ ପରିସ୍ଥିତିର ପ୍ରଶମନ ଏବଂ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ହେବ । ଗ୍ରାମୀଣ ବିକାଶ ସୁନିଶ୍ଚିତ କରିବା ପାଇଁ ସହଭାଗୀ ତଥା ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ପ୍ରଣାଳୀ ମାଧ୍ୟମରେ 'ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା' ପ୍ରସ୍ତୁତି କରାଯିବ । ଏ ବାବଦରେ ୫୫୭୫ କୋଟି ଖର୍ଚ୍ଚ ହେବ । ଉଭୟ ରାଜ୍ୟ ଓ କେନ୍ଦ୍ର ଏ ନେଇ ୬୦:୪୦ ଅନୁପାତରେ ପାଣ୍ଠି ଯୋଗାଇବେ । ଏହି ଯୋଜନା ଆସନ୍ତା ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହେବ। ସେହିପରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର



ଟାଉନ ପ୍ଲାନିଂ ଅଞ୍ଚଳ (ଟିପି-୧, ୨,୩) ପାଇଁ ଭୂତଳ ସ୍ୱେରେଜ ବିଛାଇବ ୱାଟକୋ । ୧୭୫ କୋଟି ଟଙ୍କା ବ୍ୟୟରେ ଏହି ସ୍ୱେରେଜ ପ୍ରକଳ୍ପ ହେବ । ଏଥିପାଇଁ କ୍ୟାବିନେଟ ବୈଠକରେ ଟେଣ୍ଡରକୁ ଅନୁମୋଦନ ମିଳିଛି । 'ଓଡ଼ିଶା ହସ୍ତଶିଳ୍ପ ଅମଲା ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୨୬ ପ୍ରଣୟନ କରାଯିବ । ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛି । ଯାହା ଦ୍ୱାରା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ କାର୍ଯ୍ୟରତ ହସ୍ତଶିଳ୍ପ ଅମଲା ସେବାର ବିଭିନ୍ନ ପଦବିରେ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରିତ କରିହେବ । ଏହି ପ୍ରସ୍ତାବକୁ ଜିଏ ଏବଂ ଅର୍ଥ ବିଭାଗ ଦ୍ୱାରା ସମ୍ମତି ଦିଆଯାଇଛି । ଆଇନ ବିଭାଗ ଦ୍ୱାରା ବିଧିସମ୍ମତ ଯାଞ୍ଚ କରାଯାଇଛି । ନିୟମାବଳୀର ମୂଳ ଉଦ୍ଦେଶ୍ୟ ହେଉଛି ହସ୍ତଶିଳ୍ପ କ୍ଷେତ୍ରର କାର୍ଯ୍ୟକ୍ଷମ ପରିଚାଳନା ଓ ଅମଲା କର୍ମଚାରୀଙ୍କ ବୃତ୍ତିଗତ ଉନ୍ନତି ମଧ୍ୟରେ ସମନ୍ୱୟ ସ୍ଥାପନ କରିବା । ଏହା ଲାଗୁ ହେଲେ ଶାସନ ପ୍ରକ୍ରିୟାକୁ ଆହୁରି ସୁସଂଗଠିତ କରିବା ସହିତ ପ୍ରଶାସନିକ କ୍ଷମତା ବୃଦ୍ଧି, ନୀତିଗତ କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ଅଧିକ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ଗଠନରେ ସହାୟକ ହେବ । ରାଜ୍ୟରେ ବନ୍ଦ ହୋଇଥିବା ସମବାୟ ସୂତାକଳ, କଳତନ୍ତ ୟୁନିଟ୍ ଏବଂ ସାଇଜିଂ ୟୁନିଟର ବକେୟା ଦେୟ ପରିଶୋଧ କରାଯିବ । ପରେ ସେହି ଜମିରେ ଅନ୍ୟ ନୂଆ ଶିଳ୍ପ ପ୍ରତିଷ୍ଠା କରାଯିବ । ୨୬୧.୨ ଏକର ଜମିରେ ଥିବା ସମବାୟ ସୂତାକଳ, କଳତନ୍ତ ୟୁନିଟ୍ ଏବଂ ସାଇଜିଂ ୟୁନିଟର ବକେୟା ଦେୟ ୩୬୧.୬୭ କୋଟି ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୦୦ କୋଟି ଅନୁମୋଦନ କରାଯାଇଛି । ଏହା ସହିତ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମାବଳୀ-୧୯୫୯ର ସଂଶୋଧନ କରାଯାଇଛି । ଓଡ଼ିଶା ରାଜ୍ୟ ବିଧି ଆୟୋଗର ଅଣ-ସରକାରୀ ପୂର୍ଣ୍ଣକାଳୀନ ସଦସ୍ୟଙ୍କ ପାରିତୋଷିକ ବୃଦ୍ଧି ସମ୍ପର୍କିତ ଧାରା୧୬ରେ ସଂଶୋଧନ କରାଯାଇଛି । ପିଏମ ସ୍ୱନିଧି ଯୋଜନାରେ ଷ୍ଟାମ୍ପ ଡ୍ୟୁଟିକୁ ଛାଡ଼ କରାଯାଇଛି।

# ବନସ୍ତେ ଡାକିଲା ଗଜ, ଗାଁ ମୁଣ୍ଡରେ ବନ୍ଧା ହେଲାଣି ଦୋଳି



**ଭୁବନେଶ୍ୱର(ବ୍ୟୁରୋ):** ଶନିବାର ସଜବାଜ, ରବିବାର ପହିଲି ରଜ । ସେଥିପାଇଁ ଉତ୍ସବ ମୁଖର ହୋଇ ଉଠିଲାଣି ପୂରା ରାଜଧାନୀ । କିଏ ଡ୍ରେସ୍ କିଣିବାରେ ବ୍ୟସ୍ତ ତ କିଏ ବିଭିନ୍ନ ପ୍ରସାଧନ ସାମଗ୍ରୀ । ରଜ ୩ ଦିନ କିଏ କେଉଁ ଢଙ୍ଗରେ ପାଳିବେ ସେଥିପାଇଁ ସରିଲାଣି ଯୋଜନା । ଖାଲି ସେତିକି ନୁହେଁ ରଜ ପାନ ବିକ୍ରି ହେବା ପାଇଁ ବିଭିନ୍ନ ଛକରେ ଅସ୍ଥାୟୀ ଟେଣ୍ଟ୍ ବନ୍ଧା ହେଲାଣି । ଅନେକ ଦୋକାନୀ ପିଠା ପାଇଁ ଆଗୁଆ ବୁକିଂ ନେବା ମଧ୍ୟ ଆରମ୍ଭ କରିଦେଲେଣି । ରଜ ପାଇଁ ସପିଙ୍ଗ୍ ମଲ୍‌ଠାରୁ ଆରମ୍ଭ କରି ଛୋଟ ବଡ଼ ଦୋକାନରେ କିଣାକିଣି ପାଇଁ ଝିଅମାନଙ୍କ ଗହଳି ଜମୁଛି । ଗ୍ରାହକମାନଙ୍କୁ ଆକର୍ଷିତ କରିବା ଲାଗି ବିଭିନ୍ନ ମଲ୍, ଅଳଙ୍କାର ଦୋକାନରେ ସୁନ୍ଦର ସାଜସଜ୍ଜା ସହିତ ଦୋଳି ବନ୍ଧା ହୋଇଛି । ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ... । 'ରଜ ଦୋଳି କଟମଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ ଦିଶୁଥାଇ ଝଟ ଝଟ... । ରଜ ଦୋଳି ଝୁଲିଲାଣି ଖେଳିବାକୁ ଯିବା ସାଙ୍ଗ ଭଉଣୀ ବଉଳ ଲୋ... । ଆଦି ନାନା ଗୀତ ଭାସିଆସେ ଗାଁ ଆମ୍ବତୋଟରୁ । ଯାହା ଶୁଣି ମନରେ ଆନନ୍ଦ ଉଲ୍ଲାସର ଲହରି ଖେଳିଯାଏ । ଛୋଟଠୁ ନେଇ ବଡ଼ ସଭିଏଁ ମଜିଯାଆନ୍ତି ରଜ ମଉଜରେ । ଗୀତର ତାଳେ ତାଳେ ମିଠାପାନ ଓ ପିଠା ଖାଇ ସଭିଏଁ ପାଳନ୍ତି ପର୍ବ । ପାଦରେ ଅଳତା, ହାତରେ ମେହେନ୍ଦି ଓ ଗଭାରେ ଗଜରା ଲଗାଇ ଝିଅମାନେ ଖେଳନ୍ତି ଦୋଳି । ଏହା ଝିଅମାନଙ୍କ ପର୍ବ କୁହାଯାଉଥିଲେ ହେଁ, ଏହାକୁ ସବୁ ବର୍ଗର ଲୋକେ ପାଳନ କରନ୍ତି । ଏହାକୁ ଗଣପର୍ବ ବୋଲି ମଧ୍ୟ କୁହାଯାଏ । ରଜରେ ନିଜକୁ ଟିକେ ଆହୁରି ସୁନ୍ଦର କରିବା ପାଇଁ ଝିଅମାନଙ୍କ ଗହଳି ଲାଗୁଛି ପାର୍ଲରେ । କିଏ ଫେସିଆଲ ହେବାକୁ ଯାଉଛନ୍ତି ତ କିଏ ବ୍ଲିଚ୍ କରିବାକୁ ତ କିଏ ହେୟାର ସ୍ମୁଦ୍‌ନିଂ । ସେଥିପାଇଁ ପାର୍ଲରେ ମିଳୁଛି ଅଫର । କେଉଁ ପାର୍ଲର ୧୫ ପ୍ରତିଶତ ରିହାତି ଦେଉଛନ୍ତି ତ କେଉଁଠି ୩୦ ପ୍ରତିଶତ । ଏହି ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ଝିଅମାନେ ସାଙ୍ଗସାଥୀ ଧରି ପାର୍ଲରେ ପହଞ୍ଚୁଛନ୍ତି ।

# ଜଳିଗଲା ୪ ବଖରା ଘର

**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଦେଉଳିଧରପୁର କାଣ୍ଡି ସାହି ଗ୍ରାମରେ ଅଗ୍ନିକାଣ୍ଡଘଟି ୨ ଜଣଙ୍କ ୪ ବଖରା ଘର ଏବଂ ବହୁ ମୂଲ୍ୟବାନ ସମ୍ପତ୍ତି ପୋଡି ପାଉଁଶହୋଇ ଯାଇଛି । ଅଗ୍ନିଶମବାହିନୀ ନିଆଁକୁ ଆୟତ୍ତ କରିଥିଲା । ସେତେବେଳକୁ ନିଆଁରେ ଅନେକ କ୍ଷୟକ୍ଷତି ହୋଇସାରିଥିଲା। ସୂଚନା ଅନୁସାରେ ରାତି ପ୍ରାୟ ସାଢେ ଗୋଟେରେ ଏହି ଗ୍ରାମର ବିପନ ଭଞ୍ଜଙ୍କ ଘରେ ନିଆଁ ଲାଗିଥିଲା । ପରିବାର ଲୋକେ ଶୋଇଥିବା ଅବସ୍ଥାରେ ନିଆଁ ଲାଗି ବ୍ୟପି ଯାଇଥିଲା । ନିଆଁ ତାତି ଅନୁଭବ ହେବାରୁ ବିପିନଙ୍କ ଘର ଲୋକେ ଉଠି ପଡିଥିଲେ । ସେତେବେଳକୁ ନିଆଁ ଉଗ୍ର ରୂପ ଧାରଣ କରି ସାରିଥିଲା । ବିପିନଙ୍କ ଘର ପରେ ପଡ଼ୋଶୀ ବିଶ୍ୱନାଥ କାଣ୍ଡିଙ୍କ ଘରକୁ ନିଆଁ ବ୍ୟାପି ଯାଇଥିଲା । ହୋହାଲ୍ଲା ଶୁଣି ନିଆଁ ଗ୍ରାମବାସୀ ଏବଂ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ନିଆଁ ଲିଭାଇବାରେ ସାହାଯ୍ୟ କରିବା ସହିତ ୧୦୧କୁ କଲ୍ କରିଥିଲେ । ନିଆଳି ଅଗ୍ନିଶମ ବିଭାଗ ଗାଡି ପହଞ୍ଚିବା ପୂର୍ବରୁ ବିପିନଙ୍କ ୩ ବଖରା ଘର ଚାଳ ଘର , ନଗଦ ପ୍ରାୟ ୬ ହଜାର ଟଙ୍କା , ଧାନ. ଚାଉଳ ବହୁ ଆସବାବପତ୍ର , ଲୁଗାପଟା , ଜରୁରୀ କାଗଜପତ୍ର ସବୁ ପୋଡି ପାଉଁଶ ହୋଇ ଯାଇଥିଛି । ବିଶ୍ୱନାଥ କାଣ୍ଡିଙ୍କର ୫ ବସ୍ତା ଧାନ ମଧ୍ୟ ପୋଡି ପାଉଁଶ ହୋଇଯାଇଛି । ବିଦ୍ୟୁତ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଲୋକେ ଅନୁମାନ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ସମାଜସେବୀ ବିଭୂତି ଭୂଷଣ ପାତ୍ର ଓ ତ୍ରିଲୋଚନ ଜେନା ଶୋକ ସନ୍ତପ୍ତ ପରିବାରଙ୍କ ପାଖରେ ପହଞ୍ଚି ଆଶ୍ୱାସନା ଦେବା ସହିତ ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି ।

# ଟ୍ରାଫିକ୍ ଭିଡ଼ରେ ଘଣ୍ଟାଧିକ କାଳ ଫସିଲା ଆମ୍ବୁଲାନ୍ସ

**ଭୁବନେଶ୍ୱର(ବ୍ୟୁରୋ):** ଆଜି ସନ୍ଧ୍ୟାରେ ଅଧା ଭୁବନେଶ୍ୱର ପୁଣି ଟ୍ରାଫିକ୍ ସମସ୍ୟାରେ ଫସିଛି । କୌଣସି ଦୁର୍ଘଟଣା କି ମାଲ୍‌ବାହୀ ଗାଡ଼ି ଅଟକିଯିବା କାରଣରୁ ନୁହେଁ, ବରଂ ଆସନ୍ତାକାଲିଠାରୁ ୩ଦିନିଆ ସରକାରୀ ଛୁଟି ଓ ରଜ ବଜାର ପାଇଁ ଏହି ସମସ୍ୟା ଉପୁଜିଛି । ଏକା ସମୟରେ ଲକ୍ଷାଧିକ ଲୋକ କର୍ମସ୍ଥଳୀ ଭୁବନେଶ୍ୱର ଛାଡ଼ି ଘରକୁ ଫେରୁଥିବାରୁ ଆଜି ସନ୍ଧ୍ୟାରେ ଅଧା ସହର ଜାମ୍ ଯନ୍ତ୍ରଣା ଭୋଗିଛି । ସମାନ ଢଙ୍ଗରେ ବାହାରୁ ଭୁବନେଶ୍ୱରସ୍ଥିତ ଘରକୁ ଫେରୁଥିବା ଲୋକେ ମଧ୍ୟ ଅନୁରୂପ ଭାବେ ଟ୍ରାଫିକ୍ ଭିଡ଼ରେ ଫସିଛନ୍ତି । ସନ୍ଧ୍ୟା ପ୍ରାୟ ୬ଟା ୩୦ବେଳକୁ ହଂସପାଳ ଛକରୁ ଧୀରେ ଧୀରେ ଗାଡ଼ି ଯାତାୟାତରେ ସମସ୍ୟା ଉପୁଜିଥିଲା । ଏହା ପରେ ପ୍ରାୟ୭ଟା ୩୦ ବେଳକୁ କ୍ରମାଗତ ଭାବେ ଭୁବନେଶ୍ୱରରୁ ଆସୁଥିବା ଗାଡ଼ିଗୁଡ଼ିକ ରସୁଲଗଡ଼ ଫ୍ଲାଏଓଭର୍



ପର୍ଯ୍ୟନ୍ତ ଭିଡ଼ରେ ଫସିଥିଲା । ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ଛୁଟି ପାଇଁ ଏକ ସମୟରେ ପ୍ରାୟ ଲକ୍ଷାଧିକ ଲୋକେ ଘରୁ ବାହାରିବା କାରଣରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା । ସମାନ ଢଙ୍ଗରେ ଜୟଦେବ ବିହାର ଛକରୁ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା ଏବଂ ପରେ ପରେ ଆଚାର୍ଯ୍ୟବିହାର, ବାଣୀବିହାରଠାରୁ ଆରମ୍ଭ କରି ଭିଡ଼ ପଲାଶୁଣୀ ଛକ ପର୍ଯ୍ୟନ୍ତ ଲମ୍ବିଥିଲା । ଫଳରେ ଅଧା ସହର ସନ୍ଧ୍ୟା ସମୟରେ ଭିଡ଼ରେ ରୁଦ୍ଧି ହୋଇଯାଇଥିଲା । ସ୍ଥିତି ଏମିତି ଥିଲା ଯେ ଆମ୍ବୁଲାନ୍ସ ସମେତ ଅନ୍ୟାନ୍ୟ ଜରୁରୀକାଳୀନ ଗାଡ଼ି ବି ଯିବା ପାଇଁ ବାଟ ପାଇନଥିଲା । ବଡ଼କଥା ହେଉଛି, ଏହି ସମସ୍ୟା ଉପୁଜିବ ବୋଲି ଭୁବନେଶ୍ୱର ଟ୍ରାଫିକ୍ ପକ୍ଷରୁ ଅଧିକ କର୍ମଚାରୀ ନିୟୋଜିତ କରାଯାଇଥିଲା । ମାତ୍ର ଭିଡ଼ ନିୟନ୍ତ୍ରଣରେ ଟ୍ରାଫିକ୍ ପୁଲିସ ଫେଲ୍ ମାରିଥିଲେ । ସେହିଭଳି ଆଗକୁ ରଜ ଆସୁଥିବାରୁ ସହର ମଧ୍ୟରେ ଥିବା ଏକାଧିକ ସପିଂ ମଲ୍, ୟୁନିଟ୍-୧, ୨ ମାର୍କେଟ୍ ଓ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ପ୍ରବଳ ଭିଡ଼ ହୋଇଥିଲା । ଫଳରେ ସନ୍ଧ୍ୟା ପୂର୍ବରୁ ହିଁ ସହର ମଝିରେ ବିଭିନ୍ନ ହାଟ ଓ ବଜାରରେ ଅସମ୍ଭାଳ ଭିଡ଼ ପରିସ୍ଥିତି ଉପୁଜିଥିଲା । ତେବେ ଏନେଇ ଟ୍ରାଫିକ୍ ଏସିପି ଉମାକାନ୍ତ ପ୍ରଧାନ କହିଛନ୍ତି, ଆସନ୍ତାକାଲିଠୁ ୩ଦିନ ପାଇଁ ସରକାରୀ ଛୁଟି ଥିବାରୁ ଲୋକ ଘରକୁ ଯିବା ପାଇଁ ଏକା ସଙ୍ଗେ ବାହାରିଥିଲେ । ତେଣୁ କିଛି ସମୟ ପାଇଁ ଜାମ୍ ପରିସ୍ଥିତ ଉପୁଜିଥିଲା । ପରେ ଟ୍ରାଫିକ୍ କର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁ ପ୍ରାୟ ରାତ୍ର ପ୍ରାୟ ୮ଟା ବେଳକୁ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣକୁ ଆସିଥିଲା ।

# ମହିଳା ସରପଞ୍ଚଙ୍କୁ ଆକ୍ରମଣ ନେଇ ଗର୍ଜିଲା ବିଜେଡି



**ଭୁବନେଶ୍ୱର(ବ୍ୟୁରୋ) :** ମହିଳା ସରପଞ୍ଚଙ୍କୁ ଆକ୍ରମଣ ନେଇ ଗର୍ଜିଲା ବିଜେଡି । ସାମ୍ବାଦିକ ସମ୍ମିଳନୀ କରି କହିଲା ଏପଟେ ମହିଳାଙ୍କୁ ନିର୍ଯାତନା ସେପଟେ ସରକାର ପାଳୁଛନ୍ତି ଉତ୍ସବ । ରାଜ୍ୟ ସରକାର ଯେତେବେଳେ ୨ ବର୍ଷ ପୂର୍ତ୍ତିର ଉତ୍ସବ ପାଳନ କରୁଛନ୍ତି ସେହି ସମୟରେ ଜଣେ ମହିଳା ଜନପ୍ରତିନିଧି ଯନ୍ତ୍ରଣାରେ ଛଟପଟ ହେବା ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି ବିଜେଡି ସାଂସଦ ସୁଲତା ଦେଓ ଏବଂ ମୀନତୀ ବେହେରା । ବିଜେପିର 'ନାରୀଶକ୍ତି ବନ୍ଦନ' ସ୍ଲୋଗାନ ଏବେ ମହିଳା ଦମନରେ ପରିଣତ ହୋଇଛି । ବିଜେପି ସରକାରରେ ମହିଳାମାନେ ପ୍ରତିଦିନ ଲୁହ ନୁହେଁ, ବରଂ ଲହୁ ଝରାଉଛନ୍ତି । ପୀଡ଼ିତା ସରପଞ୍ଚ ଚାମେଲୀ ଓଝା ନିଜେ ବିଜେପିର ଜଣେ ସକ୍ରିୟ ସଦସ୍ୟା ହୋଇଥିବା ବେଳେ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସ୍ଥାନୀୟ ବିଧାୟକ ଓ ବିଡିଓ ଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ନ୍ୟାୟ ମାଗିଛନ୍ତି । ଆକ୍ରମଣ ସମୟରେ ଚାମେଲୀଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନିଆଯାଇଛି । ମୋବାଇଲରେ ଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ପ୍ରମାଣଗୁଡ଼ିକୁ ନଷ୍ଟ କରିବାକୁ ପୋଲିସ ଚେଷ୍ଟା କରୁଛି ବୋଲି ବିଜେଡି ଅଭିଯୋଗ କରିଛି । ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ମହିଳାଙ୍କୁ ପଞ୍ଚାୟତରେ ୫୦% ସଂରକ୍ଷଣ ଦେଇ ନେତୃତ୍ୱର ସୁଯୋଗ ଦେଇଥିଲେ । କିନ୍ତୁ ଆଜି ସେହି ବ୍ୟବସ୍ଥାର ଜଣେ ପ୍ରତିନିଧିଙ୍କୁ ଅପମାନିତ ସମଗ୍ର ନାରୀଜାତି ପାଇଁ ଆହ୍ୱାନ । ଘଟଣାର ତୁରନ୍ତ ଏକ ଉଚ୍ଚସ୍ତରୀୟ ତଥା ନିରପେକ୍ଷ ତଦନ୍ତ ଦାବି କରିଛି ବିଜେଡି ।

# ଏକାମ୍ର ପାର୍କରୁ ସାଲିଆ ସାହି ଦେଇ ଅନ୍ଧାରୁଆ ରାସ୍ତା ଉଦ୍‌ଘାଟିତ

**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀରେ ଖୋଲିଲା ନୂଆ ସଡ଼କ । ଏକାମ୍ର ପାର୍କରୁ ଏବେ ଇନଫୋସିଟି ଦେଇ ଅନ୍ଧାରୁଆ ଇନଷ୍ଟିଚ୍ୟୁ ଅଫ ମାଥମେଟିକକୁ ଯିବା ହେବ ସହଜ । ଉଦଘାଟିତ ହେଲା ବହୁ ପ୍ରତିକ୍ଷିତ ନୂତନ ସଡ଼କ । ଏକାମ୍ର କାନନ ରୁ ସାଲିଆ ସାହି ଦେଇ ନିର୍ମିତ ଥିବା ଇନଫୋସିଟି ରାସ୍ତାଟି ସମ୍ପୂର୍ଣ୍ଣ ପରେ ଆଜି ଠାରୁ ସର୍ବସାଧାରଣ ନିମନ୍ତେ ଉଦଘାଟିତ ହୋଇଛି । ନୂତନ ରାସ୍ତାକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏହି ରାସ୍ତାକୁ ଉଦଘାଟନ କରାଯାଇଛି । ବିଶେଷ କରି ସାଲିଆସାହି ଠାରୁ ହାତୀଆଶୁଣି ପର୍ଯ୍ୟନ୍ତ ୮୦୦ ମିଟର ରାସ୍ତା ନିର୍ମାଣ ପାଇଁ ହଟହଟା ହୋଇଥିଲେ ସରକାର । ସାଲିଆସାହିର ୫୫୬ ପରିବାରକୁ ସ୍ଥାନାନ୍ତର କରି ଥଇଥାନ ପରେ ଏବେ ଏହି ରାସ୍ତାଟି ଫିଟୁଛି । ଭୁବନେଶ୍ୱରରେ ଦେଖାଯାଉଥିବା ଟ୍ରାଫିକ ଭିଡକୁ କମାଇବ ଏହି ରାସ୍ତା ବିଶେଷ ସହାୟକ ହେବ । ବିଶେଷ କରି ଜୟଦେବ ବିହାରରୁ ପଟିଆ ପର୍ଯ୍ୟନ୍ତ ଜାମ ହେଉଥିବା ରାସ୍ତାର ବିକଳ୍ପ ଭାବେ ଏହି ରାସ୍ତା ଏକ ପ୍ରମୁଖ ମାଧ୍ୟମ ସାଜିବ । ଏଣିକି ସିଆରପି ଛକରୁ ସିଧା ପଟିଆ



ଯିବା ଏହା ପ୍ରମୁଖ ବାଟ ହେବ । ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ମେୟର ଓ ସ୍ଥାନୀୟ ଉତ୍ତର ବିଧାୟକ ମଧ୍ୟ ଉପସ୍ଥିତ ରହିବେ ।

# ଡେଲିଭରି ବୟକୁ ଗୋଡ଼ାଇ ହାଣିଲେ

**ଭୁବନେଶ୍ୱର(ବ୍ୟୁରୋ):** ରେଡ଼କ୍ରସ-ନିକୋ ପାର୍କ ରାସ୍ତାରେ ଦୁର୍ବୃତ୍ତମାନେ ଆତଙ୍କ ଖେଳାଇଛନ୍ତି । ଜଣେ ଡେଲିଭରି ବୟଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି । ଡେଲିଭରି ବଏ ଜଣଙ୍କ ଆକ୍ରମଣରେ ଗୁରୁତର ଆହତ ହେଇଛନ୍ତି । ସେହିପରି କାର୍ଗିଲ ବସ୍ତିରେ ସାମାନ୍ୟ ବାଚସାରୁ ଜଣେ ପଡୋଶୀ ୨ ଭାଇଙ୍କୁ ଖଣ୍ଡାରେ ହାଣି ରକ୍ତାକ୍ତ କରି ପକାଇଛି । ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୨ଟାରେ ଅର୍ଡର ମୁତାବକ ଡାଲମା ହୋଟେଲ ନିକଟ ଏକ ଘରକୁ ଖାଦ୍ୟ ଡେଲିଭରି ଦେବାକୁ ଜଣେ ଯୁବକ ଯାଇଥିଲେ । ୨ଟା ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ସେହି ରାସ୍ତାରେ ଉତ୍ପାତ କରୁଥିଲେ । ରାସ୍ତାରେ ଯାଉଥିବା ଗାଡ଼ିଚାଳକଙ୍କୁ ଅଟକାଇ ଗାଳି ଗୁଲଜ କରୁଥିଲେ । ଡେଲିଭରି ବଏ ଜଣକ ସେହି ରାସ୍ତାରେ ଫେରିବା ବେଳେ ଦୁର୍ବୃତ୍ତଙ୍କ ହାବୁଡ଼ରେ



ପଡିଗଲେ । ଦୁର୍ବୃତ୍ତମାନେ ସଂଘବଦ୍ଧ ହେଇ ତାଙ୍କ ଉପରକୁ ଝାମ୍ପି ପଡ଼ିଲେ । ସେମାନେ ପ୍ରଥମେ ଡେଲିଭରି ବୟଙ୍କ ବାଇକ୍‌କୁ ଛଡାଇ ନେଲେ । ଡେଲିଭରି ବୟ ଜଣକ ଭୟରେ ଧାଇଁବାକୁ ଲାଗିଲେ । ଦୁର୍ବୃତ୍ତମାନେ ତାଙ୍କୁ ରାସ୍ତାରେ ଗୋଡ଼ଇବା ସହ ମାରଣାସ୍ତ୍ର ଯୋଗେ ଆକ୍ରମଣ କରିଥିଲେ । ସେହି ରାସ୍ତାରେ ପାଟ୍ରୋଲିଂ କରୁଥିବା ଖାରବେଳନଗର ଥାନା ଅଧିକାରୀ ଦେବେନ୍ଦ୍ର ପୃଷ୍ଟି ଏହା ଦେଖି ଡେଲିଭରି ବୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ । ଘଟଣାସ୍ଥଳରୁ ଦୁଇଜଣ ଦୁର୍ବୃତ୍ତଙ୍କୁ ପୁଲିସ କାବୁ କରିଛି । ଫେରାର ୩ ଜଣଙ୍କୁ ଧରିବାକୁ ପୁଲିସ ଚଢ଼ଉ ଜାରି ରଖିଛି । ସେହିପରି ରାତିରେ ଅନ୍ୟ ଏକ ଘଟଣାରେ ଏୟାରପୋର୍ଟ ଥାନା ଅଧୀନ କାର୍ଗିଲ ବସ୍ତିରେ ରାତି ସାଢ଼େ ୧୧ଟା ବେଳେ ୨ଭାଇଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଇଛି । ଆକ୍ରମଣରେ ଗଗନ ବେହେରା ଓ ତାଙ୍କ ଭାଇ ଗୁରୁତର ଆହତ ହୋଇଛନ୍ତି । ଗଗନଙ୍କ ମୁଣ୍ଡ ସମେତ ଶରୀରର ଏକାଧିକ ସ୍ଥାନରେ ଗଭୀର ଆଘାତ ଲାଗିଛି । ଏୟାରପୋର୍ଟ ଥାନା ପୁଲିସ ଆକ୍ରମଣ କରିଥିବା ସାରଙ୍ଗ ବେହେରା ନାମକ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଛି । ସେ କାହିଁକି ଆକ୍ରମଣ କଲେ, ସେନେଇ ପୁଲିସ ତନାଘନା କରୁଛି ।

# ବର୍ଷା ପାଇଁ ସହରାଞ୍ଚଳରେ ନିୟୋଜିତ ହେଲେ ରାପିଡ୍ ଆକ୍ସନ ଟିମ୍

**ଭୁବନେଶ୍ୱର(ବ୍ୟୁରୋ):** ସହରାଞ୍ଚଳ ବନ୍ୟା ନିୟନ୍ତ୍ରଣ ତଥା ବର୍ଷାଜନିତ ଜଳ ନିଷ୍କାସନ ସମସ୍ୟା ଉପରେ ନଜର ରଖିବାକୁ ବିଏମ୍‌ସି ପକ୍ଷରୁ ଆଜିଠାରୁ ରାପିଡ୍ ଆକ୍ସନ୍ ଟିମ୍(ରାଟ୍) ନିୟୋଜିତ କରାଯାଇଛି । ଏହି ଟିମ୍ ଆବଶ୍ୟକ ଉପକରଣ, ଯନ୍ତ୍ରପାତି ସହ ୨୪ ଘଣ୍ଟିଆ କାର୍ଯ୍ୟ କରିବ । ବର୍ଷା ଜଳ ଜମା ହେଉଥିବା ଅଞ୍ଚଳରେ ତୁରନ୍ତ ପହଞ୍ଚି ଜଳ ନିଷ୍କାସନ ବ୍ୟବସ୍ଥା କରିବ । ଏଥିପାଇଁ ବିଏମ୍‌ସି ପକ୍ଷରୁ ଟିମ୍‌କୁ ଗାଡ଼ି, ପାଣି ପମ୍ପ, ଡ୍ରେନ୍ ସଫେଇ ପାଇଁ ଆବଶ୍ୟକ ସଂରଜାମ, ଗଛ କାଟିବା ଯନ୍ତ୍ର ଆଦି ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆଜି ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡେପୁଟି ମେୟର ମଂଜୁଲତା କହଁର, କମିସନର ଚଞ୍ଚଳ ରାଣା, ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ବହୁ କର୍ପୋରେଟର ଉପସ୍ଥିତ ଥିଲେ । ଅତିଥିମାନେ ରାଟ୍ ଟିମ୍‌କୁ ବିଭିନ୍ନ



ଯନ୍ତ୍ରପାତି ପ୍ରଦାନ କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ ସ୍ୱତନ୍ତ୍ର ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କମିସନର ଚଞ୍ଚଳ ରାଣା କହିଛନ୍ତି, ସହରର ବର୍ଷା ଜଳ ନିଷ୍କାସନ ପାଇଁ ବିଏମ୍‌ସି ଅଞ୍ଚଳରେ ପୂର୍ତ୍ତ ବିଭାଗର ୩୬୦ କିଲୋମିଟରର ପ୍ରମୁଖ ନାଳ ଓ ୧୩୦୦ କିଲୋମିଟରର ଶାଖା ନାଳ ରହିଛି । ନିରବଚ୍ଛିନ୍ନ ଜଳ ନିଷ୍କାସନକୁ ସୁନିଶ୍ଚିତ କରିବା ପାଇଁ ପୂର୍ତ୍ତ ବିଭାଗର ୩୬୦ କିଲୋମିଟରର ପ୍ରମୁଖ ନାଳକୁ ୮ଟି ଭାଗରେ ବିଭକ୍ତ କରାଯାଇଛି । ସେବା ଯୋଗାଉଥିବା ଏଜେନ୍ସିମାନେ ଏହି ଡ୍ରେନ୍‌ଗୁଡ଼ିକର ବ୍ୟବସ୍ଥିତ ସଫେଇ, ପଙ୍କୋଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ଅଛନ୍ତି । ବାକି ସହରାଞ୍ଚଳ ବନ୍ୟା ସମସ୍ୟାର ତୁରନ୍ତ ମୁକାବିଲା ପାଇଁ ୮ଟି ରାପିଡ୍ ଆକ୍ସନ୍ ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ ଟିମ୍‌ରେ ୪ଜଣ ଲେଖାଏଁ ତାଲିମପ୍ରାପ୍ତ କର୍ମଚାରୀ ଅଛନ୍ତି । ସମସ୍ତ କର୍ମଚାରୀଙ୍କୁ କ୍ଷେତ୍ର ପରିଚାଳନା ପାଇଁ ସମ୍ପୂର୍ଣ୍ଣ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଇଛି । ପୋର୍ଟେବଲ୍ ପମ୍ପ୍‌ସେଟ୍, ମେକାନିକାଲ୍ ଜେଟିଙ୍ଗ୍ ମେସିନ୍, କଂକ୍ରିଟ୍ ବ୍ରେକର ସହ ଅନ୍ୟାନ୍ୟ ହାତ ଉପକରଣ ଯୋଗାଇ ଦିଆଯାଇଛି । ଜରୁରୀକାଳୀନ ନିୟୋଜନ ପାଇଁ ଆବଶ୍ୟକ ଯାନ, ଲଜିଷ୍ଟିକ୍ ସହାୟତା ସହିତ ପ୍ରସ୍ତୁତ ହୋଇ ରହିଛନ୍ତି । ପ୍ରମୁଖ ସଡ଼କ ଓ ଆଖପାଖ ସମ୍ବେଦନଶୀଳ ଅଞ୍ଚଳରେ ପାଣି ଜମା ହେବା ମାତ୍ରେ ଜରୁରୀକାଳୀନ ଭିତ୍ତିରେ ରାଟ୍ ଟିମ୍ କାମ କରିବେ । ଜଳ ନିଷ୍କାସନ ଓ ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ଏହି ରାଟ୍ ଟିମ୍‌କୁ ନିୟୋଜିତ କରାଯାଇଛି ବୋଲି କହିଛନ୍ତି କମିସନର । ଏହି ଅବସରରେ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ଡ୍ରେନେଜ୍ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।